## କୋରାପୁଟ ଜିଲାରୁ ୪୨ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଶୁକ୍ରବାର ଆଉ ୪୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୫୧୯କୁ ବୃଦ୍ଧି ପାଇଛି। ସଂକ୍ରମିତଙ୍କ ମଧ୍ୟରେ ୨୦ ମହିଳା ଓ ୨୨ ପୁରୁଷ ରହିଛନ୍ତି। ଜିଲାର ଜୟପୁର ମ୍ୟୁନିସିପାଲିଟିରୁ ୮ ଜଣ, କୋରାପୁଟ ମ୍ୟୁନିସିପାଲିଟିରୁ ୯, ସୁନାବେଡ଼ା ମ୍ୟୁନିସିପାଲିଟିରୁ ଜଣେ ଓ କୋଟପାଡ଼ ଏନ୍ଏସିରୁ ୨ ଜଣ ରହିଛନ୍ତି। ତେବେ ଚିହ୍ନଟଙ୍କ ମଧ୍ୟରେ କୋରାପୁଟ ଜୟପୁର,କୋଟପାଡ଼ ,କୁନ୍ଦୁରା ଓ ବୋରିଗୁମ୍ମା ବ୍ଲକରୁ ୨ ଜଣ ଲେଖାଏ, ଦଶମନ୍ତପୁର ବ୍ଲକରୁ ଜଣେ , ଲକ୍ଷ୍ମୀପୁର ଓ ସେମିଳିଗୁଡ଼ା ବ୍ଲକରୁ ୪ ଜଣ ଲେଖାଏ, ପଟ୍ଟାଙ୍ଗୀ ବ୍ଲକରୁ ୩ ଜଣ ପଜିଟିଭ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

### ମିଞ୍ଜି ମିଞ୍ଜି ଜଳୁଛି ଷ୍ଟ୍ରିଟ୍ ଲାଇଟ୍

ଏମଭି-୭୯,୯।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ମୋଟୁ ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ସଦର ଓ ଗ୍ରାମ ଗୁଡିକରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଜଳୁଥିବା ବେଳେ ଆଉ କେତେକ ସ୍ଥାନରେ ମିଞ୍ଜି ମିଞ୍ଜି ହୋଇ ଜଳୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଭାଜପା ଘୋଷଣା କଲା ୨୦ ମଣ୍ଡଳ ସଭାପତି

କୋରାପୁଟ,୯।୧୦(ସ୍ୱ.ପ୍ର.)-ଭାଜପା ପକ୍ଷରୁ କୋରାପୁଟ ଜିଲାର ୨୦ ଜଣ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ଭାଜପା ସଭାପତିଙ୍କ ଅନୁମୋଦନକ୍ରମେ ମଣ୍ଡଳ ସଭାପତିମାନଙ୍କ ନାମ ଘୋଷଣା କରାଯାଇଥିବା ଜିଲା ଭାଜପା ସଭାପତି ସୁମନ୍ତ କୁମାର ପ୍ରଧାନ ଶୁକ୍ରବାର କହିଛନ୍ତି। ଘୋଷିତ ମଣ୍ଡଳ ସଭାପତିମାନେ ହେଲେ ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଭାବେ ବାବୁଲା ମହାରଣା, କାକିରିଗୁମ୍ମା ମିନ ଜାନି, ଦଶମନ୍ତପୁର ଚକ୍ରଧର ଜାନି, ପୋଡାଗଡ ସୀତାରାମ ରାଏ, ନାରାୟଣପାଟଣା ସଞ୍ଜୟ ବିଡିକା, ବନ୍ଧୁଗାଁ ମଧୁ ଗୁଣ୍ଟା, କୁମ୍ଭାରିପୁଟ ସୌମ୍ୟ ରଞ୍ଜନ ରାଏ, ଜୟପୁର ନଗର ସାଧୁ ଚାରଣ ଦାସ ଚୌଧୁରୀ, ଫାମ୍ପୁଣି ରାଜେନ୍ଦ୍ର ପୁଜାରୀ, ଆମ୍ବାଗୁଡା ମାଧବ ଗାଦବା, ଗଡପଦର ତାରିଣୀ ପାଢ଼ୀ, ବୋରିଗୁମ୍ମା ରାଜ ସିଂ, କୁମୁଳି ସନ୍ତୋଷ ଷଡଙ୍ଗୀ, କୋରାପୁଟ ନଗର ମଣ୍ଡଳ ପାଇଁ ବିଜୟ କୁମାର ଦଳାଇ, ସୁନାବେଡା ନଗର ଉମାକାନ୍ତ ସାହୁ, ମାଥାଲପୁଟ ଚୈତନ ହନ୍ତାଳ, ପଟ୍ଟାଙ୍ଗି ବଳରାମ ଚପାଡ଼ି, ସୁବାଇ ରବିଗମାଙ୍ଗ, ନନ୍ଦପୁର ଜୟରାମ ଭୋଇ ଓ ପାଡୁଆ ମଣ୍ଡଳ ସଭାପତି ଭାବେ ସୁଦର୍ଶନ ପାଙ୍ଗିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ମଦ ଦୋକାନ ସ୍ଥାପନକୁ ବିରୋଧ

ନବରଙ୍ଗପୁର,୯।୧୦(ବି.ପ୍ର.)- ନୂତନଭାବେ ବିଦେଶୀ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ନବରଙ୍ଗପୁର ପୌରାଞ୍ଚଳର ୧୩ ଓ ୧୫ ନଂ. ୱାର୍ଡ ବାସିନ୍ଦା ବିରୋଧ କରିଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ପତ୍ର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଶୁକ୍ରବାର ଅବକାରୀ ଅଧୀକ୍ଷକଙ୍କୁ ଏହାର ଏକ ନକଲ ମଧ୍ୟ ୱାର୍ଡବାସୀ ଦେଇଛନ୍ତି। ମହିଳା ମହାବିଦ୍ୟାଳୟ ନିକଟସ୍ଥ ଭାରତ ପେଟ୍ରୋଲ ପମ୍ପଠାରୁ ଭିଜିଲାନ୍ସ ଅଫିସ ରୋଡର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଏକ ଫିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ଯାହା କି ୱାର୍ଡ ନଂ ୧୩ ଓ ୧୫ର ଅଂଶରେ ରହିଛି। ଏହି ପ୍ରସ୍ତାବିତ ମଦ ଦୋକାନ ଖୋଲା ହେଲେ ସେଠାରେ ଅଶାନ୍ତି ସୃଷ୍ଟି ହେବ। ୨ଶହ ମିଟର ମଧ୍ୟରେ ମହିଳା ମହାବିଦ୍ୟାଳୟ ସମେତ ପୌରପାଳିକାର ଏକ କଲ୍ୟାଣ ମଣ୍ଡପ ରହିଛି। ଏଭଳି ସ୍ଥିତିରେ ଉକ୍ତ ଅଂଳରେ ମଦ ଦୋକାନ ଖୋଲାଗଲେ ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡିବ। ଏହି ଦୃଷ୍ଟିରୁ ଉକ୍ତ ଅଞ୍ଚଳରେ ପ୍ରସ୍ତାବିତ ମଦ ଦୋକାନ ନ ଖୋଲିବାକୁ ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜେନ୍ଦ୍ର ପ୍ରସାଦ ବାଘ,ସତିରା ନାୟକ, ବି.ନାଗମଣୀ, ଭାରତୀ ସେନାପତି, କବିତା ସୁନା, ସି. ପଦ୍ମା, ଦିନମଣି ଗରଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବୈପାରିଗୁଡ଼ା: ପୋଷାକ ବିତରଣରେ ନାହିଁ ତାରତମ୍ୟ

- ମୁହଁ ଖୋଲିଲେ ଅଧିକାରୀ ଦେଖାଉଛନ୍ତି ନାଲି ଆଖି
- କେଉଁଠି ପିଲାଙ୍କ ତୁଳନାରେ ମିଳୁଛି ଅଧିକ କେଉଁଠି କମ୍
- ସଙ୍କଟରେ ପଡୁଛନ୍ତି ଅଙ୍ଗନୱାଡି କର୍ମୀ

ବୈପାରୀଗୁଡା,୯।୧୦ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ପ୍ରାକ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କୁ ପୋଷାକ ବଣ୍ଟନରେ ବ୍ୟାପକ କାଣ୍ଟଛାଣ୍ଟ କରାଯାଇଛି। ଫଳରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୂର୍ବରୁ କହିଥିଲେ ଯେ, ଚଳିତ ବର୍ଷ ପୋଷାକ ପାଇଁ ୭୫ ଭାଗ ଅନୁଦାନ ଆସିଛି । ୫ରୁ ୬ ବର୍ଷ ପିଲାଙ୍କୁ ଏଥିରୁ ବାଦ୍ ଦେବାକୁ କୁହାଯାଇଛି। ଅପରପକ୍ଷରେ ଅନେକ କେନ୍ଦ୍ରରେ ୩ରୁ୫ ବର୍ଷ ବୟସର ପିଲା ୨ ହଳ ପୋଷାକ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ଆସୁଛି। ଅଙ୍ଗନୱାଡି କେନ୍ଦ୍ରର କୌଣସି କର୍ମୀ ପ୍ରତିବାଦ କଲେ ତାଙ୍କୁ ଉପରିସ୍ଥ ଅଧିକାରୀ ନାଲି ଆଖି ଦେଖାଉଛନ୍ତି। ଅନୁସନ୍ଧାନରୁ ଜଣାପଡିଛି ବ୍ଲକର କାଠପଡାସ୍ଥିତ ଏକ ଅଙ୍ଗନୱାଡି କେନ୍ଦ୍ରରେ ୩୧ଜଣ ପିଲା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫ରୁ ୬ ବର୍ଷ ବୟସର ୧୦ ଜଣ ପିଲା ଅଛନ୍ତି। ଉକ୍ତ କେନ୍ଦ୍ରକୁ ମାତ୍ର ୪୪ ହଳ ପୋଷାକ ଆସିଥିଲା। ପୋଷାକ ପାଇବାରୁ କାହାକୁ ବଞ୍ଚିତ ନ କରିବାକୁ ସରପଞ୍ଚ ଚନ୍ଦ୍ର ପରଜା ସମ୍ପୃକ୍ତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଫଳରେ ପ୍ରତ୍ୟେକ ପିଲା ହଳେ ଲେଖାଏ ପୋଷାକ ପାଇଛନ୍ତି। ସେହି ପଞ୍ଚାୟତର ଡୁମରିଗୁଡା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ୨୩ ଜଣ ପିଲା ଥିବା ବେଳେ ଉକ୍ତ କେନ୍ଦ୍ରକୁ ମିଳିଛି ୩୦ ହଳ ପୋଷାକ। ୫ ରୁ ୬ ବର୍ଷ ବୟସର ପିଲା ୫ ଜଣଙ୍କୁ ବାଦ୍ ଦେଇ ୧୮ ଜଣ ପିଲାଙ୍କୁ ୨ ହଳ ଲେଖାଏ ପୋଷାକ ଦେଲେ ଆହୁରି ଆବଶ୍ୟକ ପଡିବ ୬ ହଳ ପୋଷାକ। ତେବେ ଅଙ୍ଗନୱାଡି କର୍ମୀ ଗତବର୍ଷ ବଳକା ଥିବା ୫ ହଳ ପୋଷାକ ମିଶାଇ ଜଣକ ବ୍ୟତୀତ ଅନ୍ୟ ୧୭ ଜଣଙ୍କୁ ୨ ହଳ ଲେଖାଏ ପୋଷାକ ଦେଇଛନ୍ତି। ତେବେ ଗତବର୍ଷ ୫ ହଳ ପୋଷାକ କିପରି ବଳକା ରହିଲା ଏବଂ ଚଳିତବର୍ଷ କାହିଁକି ଆବଶ୍ୟକତା ଅନୁସାରେ ପୋଷାକ ମଗା ନ ଗଲା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଲେ।

ସେହିପରି ମାଝିଗଡା ପଞ୍ଚାୟତ ମାଙ୍କିଡି ଅଙ୍ଗନୱାଡି କେନ୍ଦ୍ରରେ ୪୫ ଜଣ ପ୍ରିସ୍କୁଲ ପିଲା ଥିବା ବେଳେ ଏଠାରେ ୫୦ ହଳ ପୋଷାକ ମିଳିଛି। ପ୍ରତି ପିଲାଙ୍କୁ ହଳେ ଲେଖାଏ ପୋଷାକ ମିଳିଛି। ଦଶମନ୍ତପୁର ପଞ୍ଚାୟତ ଗାଦବାଗଡା ଅଙ୍ଗନୱାଡି କେନ୍ଦ୍ରରେ ୨୫ ଜଣ ପିଲା ଥିବା ବେଳେ ଉକ୍ତ କେନ୍ଦ୍ରକୁ ମିଳିଛି ୪୦ ହଳ ପୋଷାକ। ଦିଶାରୀଗୁଡା ଗ୍ରାମ ପ୍ରି ସ୍କୁଲରେ ୧୦ ଜଣ ପିଲା ପଢୁଥିବା ବେଳେ ସେମାନଙ୍କ ପାଇଁ ଆସିଛି ୧୨ ହଳ ପୋଷାକ। ଏପରି ତାରତମ୍ୟ ଯୋଗୁ ଅଙ୍ଗନୱାଡି କର୍ମୀଙ୍କୁ ଗ୍ରାମବାସୀ ବିରୋଧ କରିଛନ୍ତି। ସେପରି ଚିପାକୁ, ରାମଗିରି, ଦଣ୍ଡାବାଡି, ବାଲିଗାଁ, ଗଣ୍ଡେଇର,ବୋଦାପଟ, ମାଝିଗଡା ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ପିଲା ସଂଖ୍ୟା ତୁଳନାରେ କମ୍ ପୋଷାକ ଆସିଥିବାରୁ ସମ୍ପୃକ୍ତ ପଞ୍ଚାୟତଗୁଡିକରେ ଅସନ୍ତୋଷ ପ୍ରକାଶ ପାଇଛି।

### ମନ୍ତ୍ରୀଙ୍କ ବିଷମକଟକ ଗସ୍ତ

ବିଷମକଟକ,୯।୧୦: ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଶୁକ୍ରବାର ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଗସ୍ତରେ ଆସି ଅଞ୍ଚଳର ସକ୍ରିୟ ରାଜନେତା ମଦନ କୌଶଲିଆ(୬୦)ଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। କୌଶଲିଆଙ୍କ ସେପ୍ଟେମ୍ବର ୩୦ରେ ବ୍ରହ୍ମପୁରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ପରଲୋକ ଘଟିଥିଲା। ସେହିପରି ଚାକିଣା ଅଞ୍ଚଳର ଜଣେ ସାମାଜିକକର୍ମୀ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ସୂଚନା ପାଇ ମନ୍ତ୍ରୀ ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆରୋଗ୍ୟ କାମନା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଡି. ଶିବ ପ୍ରସାଦ, ବିଷମକଟକ ବ୍ଲକ୍ ବିଜେଡି ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷ ରମେଶ ପାଲାକା, ଅନିଲ୍ କମାର ପେଡେନ୍ତି, ବଡ଼ ଗୌଡ଼ ଉପସ୍ଥିତ ଥିଲେ।

# ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ଜୟପୁର, ୯।୧୦(ଡି.ଏନ.ଏ.)



ବିକ୍ଷୋଭରେ ସାମିଲ ହୋଇଥିବା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା।

**ହାଥ୍ରସ ନାବାଳିକା ଗଣବଳାତ୍କାର,ହତ୍ୟା ମାମଲା**

କୋରାପୁଟ ଜିଲା ଜୟପୁର ଭାଜପା ଯୁବମୋର୍ଚ୍ଚା ଉତ୍ତର ପ୍ରଦେଶର ହାଥ୍ରସଠାରେ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ କଂଗ୍ରେସକୁ ଟାର୍ଗେଟ୍ କରିଛି। କଂଗ୍ରେସ ପକ୍ଷରୁ ଜାତିଆଣ ଭେଦଭାବ ସୃଷ୍ଟି କରାଯାଇ ସେଠାରେ ଦଙ୍ଗା କରିବା ଉଦ୍ଦେଶ୍ୟରେ ଚକ୍ରାନ୍ତ କରାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି। ଏହାକୁ ବିରୋଧ କରାଯାଇ ଶୁକ୍ରବାର ଏକ ଶୋଭାଯାତ୍ରା ରଥପଡିଆ ଛକଠାରୁ ବାହାରି ସ୍ଥାନୀୟ ଟ୍ରାଫିକ ଛକଠାରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାହୁଲ ଓ ପ୍ରିୟଙ୍କା ଜାତିଆଣ ବିଭେଦ ସୃଷ୍ଟି ନେଇ ଯେଉଁ ଯୋଜନା କରିଥିଲେ ଏହା ଗୁପ୍ତ କ୍ୟାମେରା ମାଧ୍ୟମରେ ପର୍ଦ୍ଦାଫାଶ ହୋଇଛି । ଏଥିପାଇଁ ସେମାନେ ଦେଶବାସୀଙ୍କୁ କ୍ଷମା ମାଗିବା ସହ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବାକୁ ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ସେହିପରି ରାଜ୍ୟରେ ନାରୀ ଓ ନାବାଳିକା ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ବିଧାୟକ ବାହିନୀପତି ବିଧାନସଭାରେ କୌଣସି ପ୍ରଶ୍ନ ଉଠାଉନାହାନ୍ତି। ସେ କେନ୍ଦ୍ର ଭାଜପା ସରକାର ବିରୋଧ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ବୋଲି ଦଳ ତାଙ୍କୁ ସମାଲୋଚନା କରିଥିଲା। ଟାଉନ ଯୁବମୋର୍ଚ୍ଚା ସଭାପତି ରବୀନ୍ଦ୍ର ପଟ୍ଟନାୟକ, ରାଧାକାନ୍ତ ପୂଜାରୀ, ସଞ୍ଜୟ ବେହେରା, ଆଭାସ ପରିଚ୍ଛା, ଶିବ ସାହୁ, ଜଗମୋହନ ତ୍ରିପାଠୀ, ଚନ୍ଦ୍ରଶେଖର ପଟ୍ଟନାୟକ, ଦୁର୍ଗାପ୍ରସାଦ ଦାଶ, ଚିନ୍ମୟ ପାଇକରାୟ, ସ୍ୱାତୀ ହୋତା, ଭବନୀ ରେଡ୍ଡି, ବି. କସ୍ତୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ନାଗଭୂଷଣଙ୍କ ଶ୍ରାଦ୍ଧବାର୍ଷିକୀ

ଗୁଣପୁର,୯।୧୦(ଡି.ଏନ.ଏ.)– ରାୟଗଡା ଜିଲା ଗୁଣପୁରଠାରେ କମ୍ରେଡ ନାଗଭୂଷଣଙ୍କ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଶକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ନୂତନ ବସଷ୍ଟାଣ୍ଡଠାରୁ ବାହାରି ବାଇପାସଠାରେ ଥିବା ନାଗଭୂଷଣଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚି ସେଠାରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସିପିଆଇଏମଏଲ, ମୋଟର କର୍ମଚାରୀ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିପିଆଇଏମଏଲର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ମୋଟର କର୍ମଚାରୀ ସଂଘ ସଭାପତି ଫଣୀ ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩ଦିନ ତଳେ ହୋଇଥିଲା ସ୍ୱାମୀଙ୍କ ମୃତ୍ୟୁ

**ବିପଦ ଉପରେ ବିପଦ**

- ଏବେ ପୋଡ଼ିଗଲା ଘର
- ବେସାହାରା ହୋଇପଡ଼ିଲେ ୨ ପୁଅ
- ସରକାର ସହାୟତା ଯୋଗାଇଦେବାକୁ ଦାବି

ଜୟପୁର,୯।୧୦ (ନି.ପ୍ର.)

ଜୟପୁର ସହର ଜୟନଗର ଅଞ୍ଚଳରେ ଝାଟିମାଟି ଘର କରି ପରିବାର ସହ ରହୁଥିଲେ ଧୋବା ହରିଜନ ଏବଂ ସ୍ତ୍ରୀ ସନିଆ ହରିଜନ। ଦୁଇ ପୁଅ ରିଆନ(୭) ଇମରାନ(୮)ଙ୍କୁ ନେଇ ତାଙ୍କ ସଂସାର। ମାଛ ବିକି ପରିବାର ଚଳାଉଥିବା ଧୋବାଙ୍କ କିଡ୍ନୀ ରୋଗରେ ଗତ ୩ଦିନ ତଳେ ମୃତ୍ୟୁ ହୋଇଥିଲା। ପିଲାଙ୍କୁ ଧରି ସନିଆ ନିକଟରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଶୁକ୍ରବାର ଭୋରରୁ କୌଣସି କାରଣରୁ ତାଙ୍କ ଘର ପୋଡ଼ିଯାଇଛି। ଘରେ ଥିବା ସମସ୍ତ କାଗଜପତ୍ର, ରାଶନ କାର୍ଡ,ଗ୍ୟାସ୍,ଚାଉଳ, ଡାଲି, ଗହମ, ଲୁଗାପଟା ସହ ୧୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି । ଦୁଃଖ ଉପରେ ଦୁଃଖ ପଡିଛି ସନିଆଙ୍କ ଉପରେ। କିପରି ପରିବାର ଚଳାଇବେ, ପିଲାଙ୍କୁ ମଣିଷ କରିବେ ସେହି ଚିନ୍ତାରେ ସେ ଅସହାୟ ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ମିକ୍ସର ମେଶିନ ଚୋରି ର୍ୟାକେଟର ପର୍ଦ୍ଦାଫାଶ, ୭ ଗିରଫ

ରାୟଗଡ଼ା ଅଫିସ/ଟିକିରି, ୯।୧୦(ଡି.ଏନ୍.ଏ.):


ଗିରଫ ଅଭିଯୁକ୍ତମାନେ ।

ରାୟଗଡ଼ା ଜିଲା ଟିକିରି ଥାନା ପୋଲିସ ଶୁକ୍ରବାର ଏକ କଂକ୍ରିଟ ମିକ୍ସର ମେଶିନ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁନୁ ମାଝୀ, ରାଜେଶ ସାହୁ, ମୁସାଇ ନାୟକ, କୃଷ୍ଣ ମାଝୀ, ଚନ୍ଦୁ ମାଝି ଏବଂ ଗୁଣନିଧି ନାୟକ। ଘଟଣାସ୍ଥଳରୁ ଚୋରା ଚାଲାଣ ହେଉଥିବା ଏକ କଂକ୍ରିଟ ମିକ୍ସର ମେଶିନ ସହ ଚାଲାଣରେ ବ୍ୟବହୃତ ଗାଡ଼ି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଟିକିରି ପୋଲିସ ୨ଦିନ ତଳେ ରାତ୍ରି ପାଟ୍ରୋଲିଂ ସମୟରେ ତୋଟାଗୁଡ଼ା ଛକ ନିକଟରେ ଏକ ମ୍ୟାକ୍ସ ପିକ୍ଅପ(ଓଡି ୧୮-୮୯୯୫)ଅଟକିଥିବା ଦେଖିବାକୁ ପାଇଥିଲେ। ଯାଞ୍ଚବେଳେ ପିକ୍ଅପରେ ଗାଡ଼ିରେ ଚୋରାମିକ୍ସର ମେଶିନ ଥିବା ଜଣାପଡ଼ିଥିଲା। ଉକ୍ତ କଳାହାଣ୍ଡି ଥାନା ଅଧୀନ କର୍ଲପଟରୁ ଆସିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ପୂର୍ବରୁ ଅନେକ ମିକ୍ସର ମେଶିନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଟିକିରି ଥାନାରେ ନଂ. ୧୭୮/୨୦ ରେ ଏକ ମାମଲା ରୁଜୁ ହୋଇ ଥିବା ଏସ୍ଆଇ ବି.କେ. ପ୍ରଧାନ କହିଛନ୍ତି।

### ସାପ୍ତାହିକ ହାଟ, ବଜାର ଦିନ ୨ଟା ପରେ ମନା

ଦଶମନ୍ତପୁର, ୯।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଶୁକ୍ରବାର ସାପ୍ତାହିକ ହାଟରେ ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଣିକି ଦିନ ୨ଟା ପରେ ହାଟ ଓ ବଜାର ବନ୍ଦ ଲାଗି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସମସ୍ତଙ୍କୁ ଅବଗତ କରାଯାଇଛି। ଶୁକ୍ରବାର ସାପ୍ତାହିକ ହାଟରେ ସ୍ଥିତି ଅନୁଧ୍ୟାନ କରି ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଏସ୍ଆଇ ବିଜୟକେତନ ପଣ୍ଡା ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଆମେ ସୁରକ୍ଷିତ ରହିଲେ ଆମ ପରିବାର ସୁରକ୍ଷିତ ରହିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଛି। ଏଣିକି ଦିନ ୨ଟା ପରେ ସାପ୍ତାହିକ ହାଟ ଓ ବଜାରର ଦୋକାନ ନ ଖୋଲିବାକୁ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି।

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା: ୫ ଗିରଫ

ମାଲକାନଗିରି/ପଡିଆ, ୯।୧୦(ଡି.ଏନ.ଏ)

ମାଲକାନଗିରି ଜିଲାରେ ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ଏ ସମ୍ପର୍କରେ ପୋଲିସ ପ୍ରଶାସନ ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ଏକମାସ ମଧ୍ୟରେ ଗୁଣି ଗାରେଡି ସନ୍ଦେହରେ ପ୍ରାୟ ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୁରୁବାର ପୁଣି ଏପରି ଏକ ଘଟଣା ସାମନାକୁ ଆସିଛି। ମାଲକାନାଗିରି ଜିଲା ପଡିଆ ବ୍ଲକ କାଲଦାପଲି ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଉଦୟଗିରି ଗ୍ରାମରେ ଗୁଣି ଗାରେଡି କରୁଥିବା ସନ୍ଦେହ କରି ବାଗା କାବାସୀ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ହତ୍ୟା କରିଛନ୍ତି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚୁରା କରିବା ପରେ ଶୁକ୍ରବାର ୨ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ଖବରରୁ ଜଣାପଡିଛି ଗତ ବର୍ଷକ ମଧ୍ୟରେ ଅଭିଯୁକ୍ତ ଗଙ୍ଗା ପଡିଆମିଙ୍କ ମାଆ ଓ ଭୀମା କାରାମଙ୍କ ବାପାଙ୍କୁ ସେହି ଗ୍ରାମର ବାଗା ଗୁଣିଗାରେଡ଼ି କରି ମାରିଦେଇଥିବା ଉଭୟେ ସନ୍ଦେହ କରିଥିଲେ। ବୁଧବାର ଅପରାହ୍ନ ୨ଟାରେ ଏହି ଦୁଇଜଣ ବାଗାଙ୍କ ଘରକୁ ଆସି ଏକ ଲାଠି ଓ ଦୌଡ଼ିରେ ବାନ୍ଧି ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ପରେ ଗଙ୍ଗା ଏକ କୁରାଢ଼ିରେ ବାଗାଙ୍କ ମୁଣ୍ଡ ଓ ବେକକୁ ପ୍ରହାର କରିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଗାଙ୍କ ସ୍ତ୍ରୀ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରି ସେମାନଙ୍କଠାରୁ ହତ୍ୟାରେ ବ୍ୟବହୃତ କୁରାଢ଼ି ଜବତ କରିଛି। ଶୁକ୍ରବାର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି କହିଛନ୍ତି।

### ପୋଖରୀରେ ବୁଡ଼ି ଜଣେ ନିଖୋଜ

ପଡିଆ, ୯।୧୦ (ଡି.ଏନ.ଏ. )– ମାଲକାନଗିରି ଜିଲା ପଡିଆ ବ୍ଲକ ଉଣ୍ଡୁରୁକୋଣ୍ଡା ଗ୍ରାମର ଜଣେ ବ୍ୟକ୍ତି ଘରୁ ଝଗଡ଼ା କରି ଆସି ଗ୍ରାମ ନିକଟରେ ଥିବା ପୋଖରୀରେ ବୁଡିଯାଇ ନିଖୋଜ ଅଛନ୍ତି। ସେ ହେଲେ ଗ୍ରାମର ଭୀମା ମାଡ଼ି। କୌଣସି କାରଣରୁ ଶୁକ୍ରବାର ପରିବାର ଲୋକଙ୍କ ସହ ଝଗଡା ହେବାରୁ ସେ ଘରୁ ଚାଲି ଆସି ଦୁଲାଉଣ୍ଡୁରୁକୋଣ୍ଡା ଗ୍ରାମ ନିକଟରେ ଥିବା ପୋଖରୀଠାରେ ପହଞ୍ଚି ଗାଧୋଇଥିଲେ। ସେଠାରେ ଥିବା ପିଲାମାନେ ତାଙ୍କୁ ଦେଖିଥିଲେ। ମାତ୍ର ଏହାର କିଛି ସମୟ ପରେ ଭୀମାଙ୍କୁ ଆଉ ପୋଖରୀରେ ଦେଖିବାକୁ ମିଳି ନ ଥିଲା। ସେ ନିଖୋଜ ହୋଇଯିବାରୁ ଉପସ୍ଥିତ ପିଲାମାନେ ପଡିଆ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର କୁମାର ସିଂ, ସୁଶାନ୍ତ ସାହୁ, ଯାଦବ ନାୟକ, କୃଶ ଖିଲଙ୍କ ସମେତ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ଏହା ଜାଣିବା ପରେ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

### ଯାତ୍ରୀବାହୀ ବସ୍‌ରୁ ୧୦୦ ବସ୍ତା ଗୁଟ୍‌ଖା ଜବତ

ଜୟପୁର, ୯।୧୦(ଡି.ଏନ.ଏ ) କୋରାପୁଟ ଜିଲା ଜୟପୁର ବାଣିଜ୍ୟକର ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମାଲାକାନଗିରି ଜିଲାରୁ କଳାହାଣ୍ଡି ଜିଲାକୁ ଯାଉଥିବା ଏକ ଘରୋଇ ବସରୁ ୧୦୦ ବସ୍ତା ଗୁଟ୍‌ଖା ଜବତ ହୋଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏହି ସାମଗ୍ରୀର କେହି ଦାବିଦାର ନ ଥିବାରୁ ଗୁଟ୍‌ଖାଗୁଡିକୁ କାର୍ଯ୍ୟାଳୟରେ ରଖାଯାଇଛି। ଏହାର ମାଲିକ ଆସିଲେ ତାଙ୍କ ସମ୍ମୁଖରେ ଏହାକୁ ଓଜନ କରାଯାଇ ତାଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଡେପୁଟି କମିଶନର ପ୍ରାଣଶଙ୍କର ଦେବତା କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ମାଲକାନଗିରି ଜିଲାରୁ ଏକ ଘରୋଇ ବସରେ ଉପରୋକ୍ତ ଗୁଟ୍‌ଖା ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ବାଣିଜ୍ୟକର ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଦୟାକରୀ ଧ୍ୟାନ ଦିଅନ୍ତୁ !!
ଶ୍ରୀ କ୍ରୀଷ୍ଣା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7206213932
8765994255

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ୱେଶୀଲିଷ୍ଟ-ବଶୀକରଣ, ମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରନ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ୱେଶୀଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

